# Akashvani, Sambalpur

## SAMBALPURI NEWS EVENING BULLETIN

**12 June 2024- 7.02 pm- 7.12 pm.**

*********************************************

୧- ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେଲେ ମୋହନ୍ ଚରଣ୍ ମାଝୀ ।

- ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରାଲେ ରାଜ୍ୟପାଲ୍ ରଘୁବର ଦାସ ।

- କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ୍ ।

- ମନ୍ତ୍ରିମଣ୍ଡଲ୍‌ଥି ୮ କେବିନେଟ୍ ମନ୍ତ୍ରୀ ଆଉ ୫ ସ୍ୱାଧୀନ୍ ରାଷ୍ଟ୍ରମନ୍ତ୍ରୀ ହେଲେ ସାମିଲ୍ ।

- ସମାରୋହଥି ଯୋଗ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ଲୋକ୍‌ସଭାର୍ ପହେଲା ଅଧିବେଶନ୍ ଆଏବା ୨୪ ତାରିଖ୍‌ନୁ ହେବା ମୁଲ୍ ।

୩- ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଶେଷ୍ ହେଇଛେ ସମ୍ବଲପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ।

ଆଉର୍

୪-  ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ନ ଜବର୍ ଖରା ହେବା ବଲି ଅନୁମାନ୍ କଲା ପାଣିପାଗ୍ ବିଭାଗ୍ ।

ନୂଆଁ ମୁଖ୍ୟମନ୍ତ୍ରୀ-ମନ୍ତ୍ରିମଣ୍ଡଲ୍        ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଓଡ଼ିଶାର୍ ପଂଚଦଶ ମୁଖ୍ୟମନ୍ତ୍ରୀ ଭାବେ ବିଜେପି ନେତା ମୋହନ୍ ଚରଣ୍ ମାଝୀ ଆଏଜ୍ ଶପଥ୍ ଗ୍ରହଣ୍ କରିଛନ୍ । ଭୁବ୍‌ନେଶ୍ୱର୍‌ର ଜନତା ମଇଦାନ୍‌ଠାନେ ହେଇଥିବା ଶପଥ୍ ଗ୍ରହଣ୍ ସମାରୋହଥି ରାଜ୍ୟପାଲ୍ ରଘୁବର୍ ଦାସ ତାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ କରେଇଥିଲେ ।

ସମାରୋହଥି ଉପମୁଖ୍ୟମନ୍ତ୍ରୀ ଭାବେ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଶପଥ୍ ନେଇଛନ୍ । ମୁଖ୍ୟମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଅଲ୍‌ଗା ୧୩ ଝନ୍ ରାଜ୍ୟମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଭାବେ ଶପଥ୍ ନେଇଛନ୍ । ସେମାନ୍‌କର୍ ଭିତ୍‌ରେ ୮ ଝନ୍ କେବିନେଟ୍ ପାହ୍ୟା ଆର୍ ୫ ଝନ୍ ସ୍ୱାଧୀନ୍ ରାଷ୍ଟ୍ରମନ୍ତ୍ରୀ ଶପଥ୍ ଗ୍ରହଣ୍ କରିଥିଲେ । କେବିନେଟ୍ ମନ୍ତ୍ରୀ ଭାବେ ସୁରେଶ୍ ପୂଜାରୀ, ରବିନାରାୟଣ୍ ନାଏକ୍, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର, ପୃଥ୍ୱୀରାଜ୍ ହରିଚନ୍ଦନ୍, ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ବିଭୂତି ଭୂଷଣ୍ ଜେନା ଆଉ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ରହିଛନ୍ । ସ୍ୱାଧୀନ୍ ରାଷ୍ଟ୍ରମନ୍ତ୍ରୀଙ୍କର୍ ଭିତ୍‌ରେ ଗଣେଶ୍ ରାମ୍ ସିଂହଖୁଂଟିଆ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ୍ତ ବଳସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ୍ ଆଉ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଅଛନ୍ ।

ଶପଥ୍ ଗ୍ରହଣ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂ, ରେଲ୍ ଆଉ ସୂଚନା , ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍‌ଙ୍କର୍ ସହେତେ ବିଜେପି ଶାସିତ୍ ରାଜ୍ୟମାନ୍‌କର୍ ମୁଖ୍ୟମନ୍ତ୍ରୀ ଆର୍ ଓଡ଼ିଶାର୍ ଆଘର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍‌ଙ୍କର୍ ସହେତେ ବହୁତ୍‌ଟେ ସିଆନ୍ ସୁଜନ୍ ଉପସ୍ଥିତ୍ ଥିଲେ ।

ମୋହନ୍ ଚରଣ୍ ମାଝୀ କ୍ୟାରିୟର୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ସଦର୍ ଆସନ୍‌ନୁ ୪ ନମ୍ବର୍ ଥର୍ ଲାଗି ଓଡ଼ିଶା ବିଧାନ୍‌ସଭାକେ ନିର୍ବାଚିତ୍ ହେଇଛନ୍ । ୨୦୦୦, ୨୦୦୪, ୨୦୧୯ ଆର୍ ୨୦୨୪ ଥି ସେ ବିଧାନ୍‌ସଭାକେ ନିର୍ବାଚିତ୍ ହେଇଛନ୍ । ବିଧାୟକ୍ ଦଲର୍ ନେତା ଆଉ ମୁଖ୍ୟମନ୍ତ୍ରୀ ହେବାର୍ ଉତ୍‌ରୁ ଶ୍ରୀ ମାଝୀ କହିଛନ୍ ଯେ, ଲୁକ୍‌କର୍ ଆଶା ଆଉ ଆକାଂକ୍ଷାକେ ପୂରଣ୍ କର୍‌ବାର୍ ଉପ୍‌ରେ ତାଙ୍କର୍ ସର୍‌କାର୍ ପ୍ରାଥମିକତା ଦେବା । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ଆସନ୍‌ନୁ ୬ ନମ୍ବର୍ ଥର୍ ଲାଗି ନିର୍ବାଚିତ୍ ହେଇଛନ୍ । ସେନ୍ତା ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତି

ପରିଡ଼ା ନିମାପଡ଼ା ବିଧାନ୍‌ସଭା ଆସନ୍‌ରୁ ପହେଲାଥର୍ ଲାଗି ନିର୍ବାଚିତ୍ ହେଇଛନ୍ ।

ଅଷ୍ଟାଦଶ ଲୋକ୍‌ସଭା ଆର୍‌ଏନ୍‌ୟୁ/ କଟକ୍

ଅଷ୍ଟାଦଶ ଲୋକ୍‌ସଭାର୍ ପହେଲା ଅଧିବେଶନ୍ ଆଏବା ୨୪ ତାରିଖ୍‌ନୁ ମୁଲ୍ ହେଇକରି ଜୁଲାଇ ମାସର୍ ୩ ତାରିଖ୍‌ତକ୍ ଚାଲ୍‌ବା । କେନ୍ଦ୍ର ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରନ୍ ରିଜିଜୁ ଆଏଜ୍ ଇ ସୂଚ୍‌ନା ଦେଇଛନ୍ । ଇ ୯ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍‌ରି ଲୋକ୍‌ସଭାର୍ ବାଚସ୍ପତି ପଦ୍ ଲାଗି ନିର୍ବାଚନ୍ ହେବା ଆଉ ନୂଆଁ ସଦସ୍ୟମାନେ ଶପଥ୍ ଗ୍ରହଣ୍ କର୍‌ବେ । ସେନ୍ତା ରାଜ୍ୟସଭାର୍ ୨ ଶହ ୬୪ ନମ୍ବର୍ ଅଧିବେଶନ୍ ଆଏବା ୨୭ ତାରିଖ୍‌ନୁ ମୁଲ୍ ହେଇକରି ଜୁଲାଇ ୩ ତାରିଖ୍‌ତକ୍ ଚାଲ୍‌ବା । ଜୁନ୍ ୨୭ ତାରିଖ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁହି ସଦନ୍‌ର ମିଲିତ୍ ଅଧିବେଶନ୍‌କେ ସମ୍ବୋଧିତ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ବଲି ଶ୍ରୀ ରିଜିଜୁ ସାମାଜିକ୍ ଗଣମାଧ୍ୟମ୍ ଏକ୍ସ ଜରିଏ କହିଛନ୍ ।

ମହାପ୍ରଭୁଙ୍କୁ ଦର୍ଶନ୍ କଲେ କେନ୍ଦ୍ରମନ୍ତ୍ରୀ

ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ସୂଚନା ଆଉ ପ୍ରସାରଣ୍, ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ଆର୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ପୁରୀର ଲୋକ୍‌ସଭା ସଦସ୍ୟ ସମ୍ବିତ୍ ପାତ୍ର ଆଏଜ୍ ପୁରୀ ଠାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ୍ କରିଛନ୍ । ସାରା ପୁର୍‌ଥିର୍ କଲ୍ୟାଣ୍ ଲାଗି ସେମାନେ ମହାପ୍ରଭୁଙ୍କର୍ ଠାନେ ପ୍ରାର୍ଥନା କରିଥିଲେ । ସଖାଲେ କେନ୍ଦ୍ରମନ୍ତ୍ରୀ ପୁରୀ ନ ପୁହୁଁଚିବାର୍ ଉତ୍‌ରୁ ଶ୍ରୀମନ୍ଦିର୍ ପାଶେ ସେମାନ୍‌କୁ ବିଜେପି ନେତା ଆଉ କର୍ମୀମାନେ ସ୍ୱାଗତ୍ କରିଥିଲେ ।

ନବୀନ୍‌ଙ୍କୁ ଭେଟ୍‌ଲେ ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାର୍ ୧୫ ନମ୍ବର୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେବାର୍ ଆଗ୍‌ରୁ ମୋହନ୍ ଚରଣ୍ ମାଝୀ ଆଏଜ୍ ଉପର୍‌ବେଲା ଓଡ଼ିଶାର୍ ବରପୁତ୍ରମାନ୍‌କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଥିଲେ । ତାର୍‌ଉତ୍‌ରୁ ସେ ନବୀନ୍ ନିବାସ୍ ଠାନେ ଆଘର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍‌ଙ୍କୁ ଭେଟିଥିଲେ ।

ଶୀତଲ୍‌ଷଷ୍ଠୀ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଶେଷ୍ ହେଇଛେ । ଗଲାକାଏଲ୍

ଅଧ୍‌ରାତିନୁ ନନ୍ଦପଡ଼ାର୍ ବମ୍‌ବରାଡ଼୍ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍ ଜାଗେଶ୍ୱର୍ ବାବା, ବଡ଼୍‌ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର କୋଶଲେଶ୍ୱର ବାବା ଆର୍ ସାକ୍ଷୀପଡ଼ାର୍ ଓମ୍‌କାରେଶ୍ୱର୍ ବାବା ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥଥି ନଗର ପରିକ୍ରମାଥି ବାହାରିଥିଲେ ।

ଇ ନଗର୍ ପରିକ୍ରମା ଯାତ୍ରାଥି ପାରମ୍ପରିକ୍ ଦୁଲ୍‌ଦୁଲି, ମେଲୋଡ଼ି ଦୁଲ୍‌ଦୁଲି, ଶବର ନୃତ୍ୟ, ଆନ୍ଧ୍ରା ବାଘ ନୃତ୍ୟ, ବାଡ଼ି ନୃତ୍ୟ, ଘୁମୁରା ନୃତ୍ୟ, କାନ୍ତାର ନୃତ୍ୟ, କଲିକତା, ଆସାମ୍ ଆର୍ ରାୟପୁର୍ ନୁ ଆସିଥିବା ଆଧୁନିକ ନୃତ୍ୟ, ଅଘୋରୀ ନୃତ୍ୟ, ନାସିକ୍ ଢୋଲ୍, କେରଳ ଘଂଟ୍ ବାଦ୍ୟ, ଡିଜିଟାଲ୍ ଲାଇଟ୍ ଆର୍ ସମ୍ପର୍ଦା ସାମିଲ୍ ହେଇଛନ୍ ।

ସେନ୍ତା ରାମଲଲା, ନରସିଂହ, କୁଂଫୁ ପାଣ୍ଡା, ଶ୍ରୀକୃଷ୍ଣଙ୍କ ନବଗୁଞ୍ଜର ବେଶ, ବାଲିର ନାରାୟଣ ଆଉ ବହୁତ୍‌ଟେ ପ୍ରଜ୍ଞାପନ ମେଢ଼୍ ସାମିଲ୍ ରହିଛେ । ମୁଦିପଡ଼ା ଯାତ୍ରା କମିଟିଥି ଶ୍ରୀଲଙ୍କାର୍ ଗୁଟେ ସାଂସ୍କୃତିକ ଦଲ୍ ଆସିକରି ଲୋକନୃତ୍ୟ ପରିବେଷଣ୍ କରୁଛନ୍ ।

ସାରା ରାତି ହଜାର୍ ହଜାର୍ ଲୋକ୍ ଯାତ୍ରା ଦେଖିଥିଲେ । ଇ ବଛର୍ ବହୁତ୍ ସଂଖ୍ୟାଥି ମହିଲାମାନେ ରାତି ସମିଆଥି ଯାତ୍ରା ଦେଖୁଥିବାର୍ ଦେଖାଯାଇଥିଲା ।

ଆଏଜ୍ ପହପହନୁ କେତେ ଘଂଟାର୍ ବିଶ୍ରାମ୍ ଉତ୍‌ରୁ ଯାତ୍ରା ଫେର୍ ମୁଲ୍ ହେଇଥିଲା । ଦିନ୍‌ବେଲାର୍ ଜୋର୍ ଖରାଥି ଭିଲ୍ ବାହାରୁ ଆସିଥିବା ଦେଖ୍‌ନାହାରିଙ୍କର୍ ତହଁକ୍ ନାଇଁ କମିଥାଇ । ଆକାଶ୍‌ବାଣୀ ତର୍‌ଫୁ ଆଏଜ୍ ସଖାଲ୍ ବେଲା ଯାତ୍ରା କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ କରାଯାଇଥିଲା । ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ପୀଠ ନ ପୁହୁଁଚିଥିଲେ । ଯାତ୍ରା ଯାଉଥିବାର୍ ରାସ୍ତାଥି ଠାନେ ଠାନେ ଭକ୍ତମାନେ ଦେବଦମ୍ପତିଙ୍କୁ ବନ୍ଦେଇ ଥିବାର୍ ବେଲେ  ମହାଆଲ୍‌ତୀ ଉତ୍‌ରୁ ମନ୍ଦିର୍ ପ୍ରବେଶ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ପୁଲିସ୍ ତର୍‌ଫୁ କଡ଼ା ପୁଲିସ୍ ବନ୍ଦୋବସ୍ତ ହେଇଥିବାର୍ ବେଲେ କେହେନି ପ୍ରକାରର୍ ଅଘଟନ୍ ନାଇଁ ଘଟିଥିବାର୍‌ନୁ ଯାତ୍ରା ଆୟୋଜକ୍ ଆର୍ ପ୍ରଶାସନ୍‌କେ ଆଶ୍ୱସ୍ତି ଦେଇଛେ । ଭିନ୍ ଭିନ୍ ସାମାଜିକ ଆର୍ ନାଗରିକ ଅନୁଷ୍ଠାନ୍ ତର୍‌ଫୁ ଦେଖ୍‌ନାହାରିଙ୍କୁ ପିଇବାର୍ ପାଏନ୍, ସର୍‌ବତ୍ ଆର୍ ଜଲ୍‌ଖିଆ ବଂଟାଯାଇଥିଲା । ଆଏଜ୍ ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଗଲା ଅକ୍ଷୟତୃତୀୟାନୁ ମୁଲ୍ ହେଇଥିବା ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଗହଗହ ମହମହଥି ପୂର୍ଣ୍ଣାହୁତି ହେଇଛେ ।

ଶୀତଲ୍‌ଷଷ୍ଠୀ ଯାତ୍ରା ଶେଷ୍                ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର ନ ଶୀତଲ୍‌ଷଷ୍ଠୀ ଯାତ୍ରା ଶେଷ୍ ହେଇଛେ । ସୁବର୍ଣ୍ଣପୁର୍‌ର ବାବା ସୁବର୍ଣ୍ଣମେରୁଙ୍କର୍ ସହେତେ ବୈଦ୍ୟନାଥର ବାବା କୋଶଲେଶ୍ୱର୍, ଚରଦାର୍ ବାବା କପିଲେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର୍ ଆଉ ଗୋଧନେଶ୍ୱରଙ୍କର୍ ପୀଠ ନ ଚାଲିଥିବା ଶିବ-ପାର୍ବତୀଙ୍କର୍ ବିବାହ ଉତ୍ସବ୍ ପର୍ବ ସମାପନ ହେଇଛେ । ଇ ଅବ୍‌ସରେ ହଜାର୍ ହଜାର୍ ଶ୍ରଦ୍ଧାଳୁ ପ୍ରଭୁ ଶିବ ଆଉ ପାର୍ବତୀଙ୍କର୍ ଯୁଗଳ ଦର୍ଶନ୍ କରିଛନ୍ ।

ରାଜ୍ୟ ସର୍‌କାରୀ ଛୁଟି ବାତିଲ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ଅଧିକାରୀମାନ୍‌କୁ ଆଏବା ୩୦ ତାରିଖ୍‌ତକ୍ ଛୁଟି ନାଇଁ ନେବାର୍ ଲାଗି ପରାମର୍ଶ ଦିଆଯାଇଛେ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ବିଭାଗ୍‌ର ସଚିବ ଆଉ ଜିଲ୍ଲାପାଳ୍‌ମାନ୍‌କୁ ଚିଠି ଲେଖାଯାଇଛେ । ଇ ଚିଠିଥି ଲେଖାଯାଇଛେ ଯେ, ନୂଆଁ ସର୍‌କାର୍ ଗଠନ୍ ହେଉଥିବାର୍‌ନୁ ଭିନ୍ ଭିନ୍ ସ୍ତର୍ ନ କାର୍ଯ୍ୟକ୍ରମ୍ ଚାଲ୍‌ବା । ଇତାକେ ନଜର୍‌ଥି ରଖିକରି ଛୁଟି ନାଇଁ ନେବାର୍ ଲାଗି ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇତାର୍‌ସହେତେ ଅଧିକାରୀମାନ୍‌କୁ ମୁଖ୍ୟାଳୟ ନାଇଁ ଛାଡ୍‌ବାର୍‌କେ ଭିଲ୍ କୁହାଯାଇଛେ । ହେଲେ ସ୍ୱାସ୍ଥ୍ୟ ସମସ୍ୟା

ଥିଲେ କର୍ମଚାରୀମାନ୍‌କୁ ଛୁଟି ମିଳିପାର୍‌ବା ବଲି ନିର୍ଦ୍ଦେଶାନାମାଥି ଦର୍ଶାଯାଇଛେ ।

ନାଁଲେଖା- ୟୁଜିସି ଅନୁମତି ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱବିଦ୍ୟାଲୟ ଆଉ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନେ ଏତ୍‌କେ ବଛର୍‌କ ୨ ଥର୍ ନାଁଲେଖା କରିପାର୍‌ବେ । ଇତାକେ ବିଶ୍ୱବିଦ୍ୟାଲୟ ଅନୁଦାନ୍ ଆୟୋଗ୍- ୟୁଜିସି ଅନୁମତି ଦେଇଛେ । ୨୦୨୪ -୨୫ ଶିକ୍ଷାବଛର୍‌ନୁ ଇ ବ୍ୟବସ୍ଥା ଲାଗୁ ହେବା । ୟୁଜିସି ମୁଖ୍ୟ ଜଗଦେଶ୍ କୁମାର୍ କହିଛନ୍ ଯେ, ବିଦେଶ୍ ନ ଥିବାର୍ ବିଶ୍ୱବିଦ୍ୟାଲୟମାନ୍‌କର୍ ବାଗିର୍ ଭାରତୀୟ ଉଚ୍ଚଶିକ୍ଷାନୁଷ୍ଠାନ୍ ଥି ୨ ଥର୍ ନାଁ ଲେଖା ହେଲେ ବହୁତ୍ ଛାତ୍ରଛାତ୍ରୀ ଉପକୃତ ହେଇପାର୍‌ବେ । ଜୁଲାଇ-ଅଗଷ୍ଟ ଆର୍ ଜାନୁଆରୀ-ଫେବୃଆରୀ ନ ନାଁଲେଖା ପ୍ରକ୍ରିୟା କରାଯାଇପାର୍‌ବା । ଯେନ୍‌ଥିର୍‌ଲାଗି ନାଁଲେଖାନୁ ବଂଚିତ୍ ହେଉଥିବା ଛାତ୍ରଛାତ୍ରୀମାନ୍‌କୁ ଆଉ ବଛ୍‌ରେ ଟାକ୍‌ବାର୍‌କେ ନାଇଁ ପଡ଼େ । ବୋର୍ଡ଼ ଫଲାଫଲ୍ ନାଇଁ ବାହାରିଥିବାର୍, ସ୍ୱାସ୍ଥ୍ୟସମସ୍ୟା କି ଅଲ୍‌ଗା କେନ୍‌ସି ବ୍ୟକ୍ତିଗତ କାରଣ୍‌ନୁ, ଯେନ୍ ଛାତ୍ରଛାତ୍ରୀ ପହେଲା ଖେପେ ନାଁ ଲେଖେଇ ପାରିନାଇଁଥିବେ ସେମାନେ ୨ ନମ୍ବର୍ ଖେପେ ନାଁ ଲେଖାବାର୍ ସୁବିଧା ପାଏବେ ବଲି ୟୁଜିସି ତର୍‌ଫୁ କୁହାଯାଇଛେ ।

ନୂଆଁ ସେନାମୁଖ୍ୟ        ଆର୍‌ଏନ୍‌ୟୁ/ କଟକ୍

ଲେଫ୍ଟନେଂଟ୍ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଭାରତୀୟ ସ୍ଥଳସେନାର ପରବର୍ତୀ ମୁଖ୍ୟ ଭାବେ ଦାୟିତ୍ୱ ନେବେ । ଆଏବା ୩୦ ତାରିଖ୍ ଦିନ ଜେନେରାଲ୍ ମନୋଜ୍ ପାଣ୍ଡେ ଅବସର ଗ୍ରହଣ୍ କର୍‌ବେ । ସେଦିନ ଶ୍ରୀ ଦ୍ୱିବେଦୀ, ଜେନେରାଲ୍ ପାଣ୍ଡେଙ୍କର୍ ଠାନୁ ଦାୟିତ୍ୱ ଗ୍ରହଣ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ୧୯୬୪ ମସିହା ଜୁଲାଇ ୧ ତାରିଖ୍ ଜନ୍ମଗ୍ରହଣ୍ କରିଥିବା ଶ୍ରୀ ଦ୍ୱିବେଦୀ ଭାରତୀୟ ସେନାର ଜମ୍ମୁକାଶ୍ମୀର୍ ରାଇଫଲ୍ସର କମିଶନ୍ ରେଙ୍କ୍‌ଥି ୧୯୮୪ ମସିହା ଡିସେମ୍ବର୍ ୧୫ ତାରିଖ୍ ଦିନ ଯୋଗ୍ ଦେଇଥିଲେ । ୪୦ ବରସ୍ ଧରିକରି ଭିନ୍ ଭିନ୍ ପଦ୍‌ବୀଥି ସେ ନିଜର୍ ଦାୟିତ୍ୱ ବଢ଼ିଆଁ କରି ସମ୍ପାଦନ୍ କରିଆସିଛନ୍ ।

ରଥ୍‌ଯାତ୍ରା ପ୍ରସ୍ତୁତି-ବୌଦ୍ଧ       ବୌଦ୍ଧ ସମ୍ବାଦଦାତା

ବୌଦ୍ଧର ରଥ୍‌ଯାତ୍ରା ଲାଗି ପହେଲା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ପରମ୍ପରା ଅନ୍‌ସାରେ ଧାରିଜ୍ ସମିଆଥି ରଥଯାତ୍ରାର୍ ସବୁ ନୀତି କରାଯିବାର୍ ଉପ୍‌ରେ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍‌ଥି

ଆଲୋଚନା ହେଇଥିଲା । ରଥଯାତ୍ରା ସମିଆଥି ଭକ୍ତମାନ୍‌କର୍ ଭିଡ୍‌କେ ନଜରଥି ରଖିକରି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ଜେ. ସୋନାଲ୍ ଜୋର୍ ଦେଇଥିଲେ । ରଥ ମରାମତି, ମାହାପୁରୁମାନ୍‌କର୍ ଅଲଙ୍କାର୍‌ର ତଦାରଖି ଆର୍ ମାଉସୀମା ମନ୍ଦିର୍‌ର ରୋଷଶାଳା ତିଆର୍‌ବାର୍ ଉପ୍‌ରେ ବୈଠକ୍‌ଥି ଆଲୋଚନା ହେଇଥିଲା । ଦେବସ୍ନାନ ପୁନି ନୁ ନିଳାଦ୍ରୀ ବିଜେତକ୍ ନୀତିକାନ୍ତି ପାଲନ୍ ଉପ୍‌ରେ ବୈଠକ୍‌ଥି ଲଗ୍ନପତ୍ର ଉପସ୍ଥାପନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗ୍ରୀଷ୍ମପ୍ରବାହ ସହେତେ ଗୁଲ୍‌ଗୁଲି ଲାଗି ରହିଛେ । ଆଏବା କାଏଲ୍ ଭିତ୍‌ରେ ବଲାଙ୍ଗିର୍, ନୂଆପଡ଼ା, ବୌଦ୍ଧ, ସୋନ୍‌ପୁର୍, ବର୍‌ଗଡ୍, ସମ୍ବଲପୁର୍, ଝାର୍‌ସୁଗୁଡ଼ା ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଜବର୍ ଖରା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ସେନ୍ତା ଦକ୍ଷିଣ ଓଡ଼ିଶା ଆଉ ଉତର୍ ଉପକୂଳବର୍ତୀ ଅଂଚଲ୍‌ର କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।